ଜ୍ଞାନୋଦୟ ।

—·* *·○·*·*·—

ଶ୍ରୀ ବାଞ୍ଛାନିଧି ପାଣିଗ୍ରାହୀଙ୍କ ଦ୍ୱାରା

ସଙ୍କଳିତ ଓ ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

— -*-○·*- —

BALASORE

Printed at the Samanta Press

by K. N. Panda

1917

—·*-○-*·—

ମୂଲ୍ୟ ୫୦/୩

ଜ୍ଞାନୋଦୟ ।

ଜହ୍ନମାମୁ ।

ଆଗରେ ବଢ଼େଇ କୋଳକୁ ଆସ
ହାସ୍ୟବଦନ ଫୁଲ ମୁହଁ ଦିଶେ ।
ଖେଳ ଖେଳ ଦେହ ଗଲଣି ଝଡ଼ି
କାହିଁ ଯାଇଥିଲୁ ଅନ୍ଧ ଲଉଡ଼ି ।
ମୋ ସୁନାପୁଅକୁ ଝୋଲା ମାରୁଛୁ
ଦୁଧ କଲେ ପିଇ ଯା ନାଚ ନାଚ ।
ଜହ୍ନମାମୁ ତୋର ପଛ ଆସିବ
ହସି ତୋର ମୁଣ୍ଡେ ଟିକା ମାରିବ ।
ମଇଳିଆ ବାଳିଆ ଦେଖି ତୋ ଦେହ,
କାହିଁ ମାମୁଙ୍କର ଭଲେ ପେଳନ୍ତି !
ଯଦି ତୁ କରିବୁ ଦେହ ସୁରୁଖ
ନ ଡାକୁଣୁ ସ୍ୱୟଂ ଆସିବେ ତୋର !
ତୋ ଦେହ ତା ଦେହ ହୋଇବ ମେଳ
ମାମୁଁ ଭଣଜାର ଲାଗିବ ଖେଳ ।
(ନଚେଇ ନଚେଇ ବପା ଦେଖିବେ
ଆନନ୍ଦରେ ସ୍ନେହ ଚୁମ୍ବନ ଦେବେ)
ଛବ ଛବ ଦେଖି ମାରିବେ ଟିକା
ଘେନିଇ ଯିବେ ସେ ସ୍ୱର୍ଗକୁ ଏକା ।

— — ❋C❋ — —

କୁକୁ ମୂଷା ।

କୁକୁ ମୂଷୀ ଢିବା ଠୋଙ୍କର ମୂର୍ଖା
ଧାନ ଚିରଣକ ଖାଉଥା' ବସି ।
ମେଣ୍ଢ ଲୁଚାଇ ତୁ ଖାଉଥା ହସି
ତୁ ରହିଥା ତହିଁ ଯାଏ ମୁଁ ଚୁପି ।
ଧାନ ନ ଲୁଚାଲେ ଗୃହିଲ ଖା
କୁହୁଳି କୁଠେଲି ତୁ କହୁଥା ।

——○✱○— —

ବୀର ବାଳକ ।

ପୂର୍ବକାଳରେ ରାଜପୁତ୍ର ବଂଶରେ ବୀରବଳ ନାମରେ ଜଣେ ବାଳକ ଥିଲା । ତାହାର ସାହସର କଥା ଶୁଣିଲେ ପିଲାଏ ଚମକି ପଡ଼ିବେ । ଏହା ପ୍ରକୃତ ଘଟଣା । ଦିନେ ଜଣେ କମାର ଖଣ୍ଡିଏ ନୂଆ ତରବାରି ବିକିବା ପାଇଁ ଆଣିଥିଲା । ବୀରବଳର ପିତା ସେହି ତରବାରିଟି ପରୀକ୍ଷା କରିବାପାଇଁ ବୀରବଳକୁ ଦେଲେ । ସେତେବେଳକୁ ବୀରର ବୟସ ପ୍ରାପ୍ତ ୭ ବର୍ଷ । ବୀରବଳ ହସି ସେହି ତରବାରି ନେଇ ନିଜର ଅଙ୍ଗୁଳିରେ ସାମାନ୍ୟ ଆଘାତ କରନ୍ତେ ଅଙ୍ଗୁଳି ଦୁଇଖଣ୍ଡ ହୋଇଗଲା । ତହିଁ ସେ ଖୁସି ହୋଇ ବାପାଙ୍କୁ ଯାଇ କହିଲା "ବାପା ! ଏ ତରବାରି ଖଣ୍ଡିକ ବଡ଼ ଚୋଖ ଅଛି । ଦେଖନ୍ତୁ ସାମାନ୍ୟ ଆଘାତରେ ମୋର ଏହି ଅଙ୍ଗୁଳିଟି ଏପରି ଦୁଇଖଣ୍ଡ ହୋଇଗଲା ଯେ ମୋତେ ଜଣା ଗଲା ନାହିଁ । ଆପଣ ଏହାକୁ କିଣନ୍ତୁ ।"

ବାପା ଏହା ଦେଖି ରଗିଲେ ଏବଂ କହିଲେ ତୁମ୍ଭେ ନିର୍ବୋଧ ଅଟ । ବୀରବଳ କହିଲେ "ମୁଁ ଖଣ୍ଡା ଅପରୀକ୍ଷ୍ୟ କେବଳ

ରକ୍ତ ପି-ବ ତାହାଙ୍କୁ ପ୍ରଥମେ ରକ୍ତ ନ ଦେଇ ଆଉ କାହିଁରେ ପରୀକ୍ଷା କରିବ ? ବାପା !" ଏହା ଅନ୍ୟାୟ ହେବ ନାହିଁ କି ? ପିଲା ମୁଖରୁ ଏପରି ଉତ୍ତର ଶୁଣି ମେଡିକାଲ ଅଫିସର ପୁଅକୁ କୋଳେଇ ନେଇଗଲେ । କହିଲେ "ବାପୁ, ତୋର ପ୍ରାଚୀନ ମାନବ-ର ମୁଁ ଖୁସି ହେଲି । ଈଶ୍ୱର ତୋତେ ସୁଦୀର୍ଘଜୀବୀ କରନ୍ତୁ ।" ଧନ୍ୟ ସାହସ ।

---o×o---

ଡାକ୍ତର କାଉ ।

ଡାକ୍ତ ଡାକୁରେ ଭୁ ଆ ଆ
ରାଉଳ ଦେଉଛୁ କା କା କା
ମାଣୁଷର କଥା କହୁ ନା
ମାହ୍ନସୀ ଶବ୍ଦର ଦେଖା
ଦେବେ ମୁହିଁ ଯିବ କହିବେ
ମୋ ନନୁ ସନେହ ପେଇବେ !
ମାଁପ୍ରି [illegible] ହେବ କି ?
ବଳ ପାଠଶାଳୀ [illegible] ?
ଲୁଅ ମାରି ମୁହଁ ଦେଖିବ
ମନ ସୁଖେ କଥା କହିବ
ଯଦି ତୁ କଥା ନ କହିବୁ
ଆଉ କି ରାଉଳ ପାଇବୁ ।
ଠ ଠା କରି ମାରିବ କାଠି
ଭଙ୍ଗି ଦେବ ତୋ କଲା ପିଠି ।

---o---

ଖରା ସମୟ ।

ବୈଶାଖ ଜ୍ୟେଷ୍ଠ ବଡ଼ ଖରା
ତାତଇ ମାଟି ଅଗ୍ନି ତୋରା ।
ଝାଞ୍ଜି ବହଇ ଘନ ଘନ
ପିଇବା ପାଇଁ ହୁଏ ମନ ।
ଥଣ୍ଡା ଦରବରେ ଆଦର
ପଲଙ୍ଗ ଚନ୍ଦନ କର୍ପୂର ।
ଲେପ ଅତି ପ୍ରିୟ ହୁଏ
ଥିଆ ବହୁଣୀ ମନମୋହେ ।
ଖରାରେ ବୁଲ ବଡ଼ ଦୁଃଖ
କୂଅର ପାଣି ବଡ଼ ସୁଖ ।
ନଦୀ ପୋଖରୀ ଜଳହୀନ
ଖରାରେ ହୁଏ ଦିନୁଦିନ ।
ଦୁଃଖ ହେ ଯେତେ ଭେକ ମୀନ
ଜଳ ନ ଥିବେ ମରଣ ।
ଏତେ ଅନିଷ୍ଟ କରେ ଖରା
ବୃଷ୍ଟି ସୁଖରେ ଜଳଧାରା ।
ବାଳକେ ଏଥୁ ଏହା ଶିଖ
ଅନ୍ତରେ ଦୁଃଖ ପୂର୍ଣ୍ଣ ରଖ ।

ସାକ୍ଷୀ କଥା ।

ଚନ୍ଦ୍ରବଲ୍ଲଭର ମୋହିନୀ ନାମରେ ଗୋଟିଏ ଝାଙ୍ଗି ଥିଲା । ସେ ପିଞ୍ଜରାରେ ରହିବାର ଅନ୍ଧକାରପରେ ପେଷ ପାଳନ୍ତି ସେ ଏହି ପୋଷ ମାନଙ୍କ ଯେ ବଣରୁ ପକେଇବା

ତେଣିକି ଥାଉ କ୍ଷଣକପାଇଁ ସେ ଚନ୍ଦ୍ରକଳା ସାଙ୍ଗ ଛାଡ଼େ ନାହିଁ । ମୋହିନୀ ବେଶ୍ କଥା କହିପାରେ ଓ ଗୀତ ଗାଇପାରେ । ତାହାର କମଳଲୋଚନ ମୁଖଖଣ୍ଡ ଥିବାରୁ ଗାଁଲୋକେ ଅନେକେ ପ୍ରମାଣ ପାଉଛନ୍ତି । ମୋହିନୀ ଜାଥଣୀ ଦେଖି ଅନେକ ଚକଳକୁ ଚେତାଇ ଦଏ । ତତ୍କ୍ଷଣାତ୍ ଚନ୍ଦ୍ରକଳା ମୋହିନୀକୁ ଘରେ ଲୁଚାଇ ଦିଏ । ଚନ୍ଦ୍ର କହେ "ଆମ୍ଭ ମୋହିନୀକୁ ଛିନିବାଲାଗେ କଥା ମଲମ" । ଇମିତି ଦୁଇବର୍ଷ ବିତିଗଲା । ସେ ଖୁସି ଗୀତ ଗାଉ ଥାଏ । ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ ସେ ସବୁବେଳେ ତାହାର କାମରେ ଲାଗି ଥାଏ । ଅନ୍ୟ ଭାବନା ଆଉ ସେ ଭାବେ ନାହିଁ । ମନକଥା ତାହାର ମନରେ ଅଛି, କିଛି କହେ ନାହିଁ । ଆଜି ଖାଉ ନାହିଁ କି ଗୀତ ଗାଉ ନାହିଁ । ନୀରବ । ତେଣୁ ଉଠିଲେ ମୁହଁ ଲୁହରେ କେଜାଣି କାହିଁକି ଭିଜି-ଥାଏ । ଚନ୍ଦ୍ରକଳା ଡାକିଲେ ଶୁଣେ ନାହିଁ, କେବଳ କାନ୍ଦିଲାପରି ଆଖି ଛଳ ଛଳ କରେ । ତିନିଦିନ ଦିନ ଚନ୍ଦ୍ରଙ୍କୁ ଏପରି ଏକ ବଡ ରୋଗ ହେଲା ଯେ ସେ ସେହିଦିନ ଚାଲିଗଲେ । ପଡ଼ୋଶୀ ଚନ୍ଦ୍ରପାଇଁ ସମସ୍ତେ କାନ୍ଦିଲେ, ମାତ୍ର ଏବେଳେ ମୋହିନୀ କାନ୍ଦିଲା କି ନାହିଁ କେହି ଦେଖି ନ ଥିଲେ । ଚନ୍ଦ୍ରକଳାଙ୍କର ମରଣର ଦୁଇଦିନପରେ ମୋହିନୀଙ୍କର ସେହି ଦଶା ଘଟିଲା ! ପକ୍ଷୀ ଜାତି ମଧ୍ୟରେ ଏପରି ଦୃଷ୍ଟ ଥିବାର ଜାଣି ମନପାଇଁ ମଧ୍ୟ ସମସ୍ତେ କାନ୍ଦିଲେ । ତାକୁ ମଧ୍ୟ ଚନ୍ଦ୍ରଠାରେ ଶୁଆଇ ଦେଲେ । ଧନ୍ୟ, ପକ୍ଷିଙ୍କ ଚିର ପ୍ରେମ ।

ପଣ୍ଟ ଗାଈ ।

ଆଗ ପାଣ୍ଟୁ ଗାଈ ଆସ ମୋ ପାଶ
ଖାଇବାକୁ ଦେବି ମୁଁ ଦୁବଘାସ ।
ତୋ ସଙ୍ଗେ ତୋ ଛୁଆ ମନକୁ ଜାଣି
ପିଇବାକୁ ଦେବି ପେଜ ତୋରାଣି ।
ବାଡ଼ି ଗୁହାଳପାଖେ ତୋ'ଲାଗି ବୁଲାଇ
କଅଁଳ ପତ୍ର ଦେବି ଛିଣ୍ଡାଇ ।
ଆଉଁସି କୁଣ୍ଡାଇ ଦେବି ଦେହକୁ
ଚାଟିବୁ ତୁହି ସ୍ନେହେ ଛୁଆକୁ ।
ତୋ' ସ୍ନେହେ ତୋ ଛୁଆ ହରଷଭରେ
ମାରୁଥିବ ଡିଆଁ ତୋହର ପାଖରେ ।
ତୋହର ଛୁଆପରି ମଣି ତୁ ମତେ
ଯେବେ ଦେବୁ ଦୁଧ ମୋ ଇଚ୍ଛା ଯେତେ ।
‘‘ମା ’’ ଡାକେ ତୋପାଇଁ ଅଳି କରିବି
ଯାହାଦେବେ ମୋତେ ତୋତେ ଭେଟିବି ।
ତୁ ଯେବେ ମୋ କଥା ମାନି ଚଳିବୁ
ଝାଡ଼ିବା ପାଇଁ କି ହୁଁଙ୍କ ପାରିବୁ ?

ଲୁଚ କାଳି ।

ସନ୍ଧ୍ୟାବେଳେ ଦାଣ୍ଡ ମଣ୍ଡପେ ବସି
ପିଲାଏ ହସନ୍ତି କି ମହାଖୁସି ?
ବସି ସାଙ୍ଗ ପାଞ୍ଚ ଏକ ମନରେ
ଲୁଚିକାଳି ଖେଳ ଆରମ୍ଭି ଦେଲେ ।
ଠିଆ ଅଟକଳ ବାଧି ସମାନ୍ତି

ବୁଦ୍ଧି ମୋର ବାଢ଼ିଛି ସେ ଅଗରୁ
ମୋହର ଆଖିକୁ ଲାଗୁଛି ବୁଢ଼ି
ଛାଡ଼ିଦେବ ତାଙ୍କୁ ଯିବାକୁ ଲୋଡ଼ି ।
ମୋରର ଲକ୍ଷଣ କହୁଁ ନ ସରେ
ନ ଛୁଇଁଲେ ଅନ୍ୟ, ଦଶା କି ଫେରେ ?
କେତେ ଅପମାନ ସେ ପାଉଥାଏ
ଛୁଅନ୍ତି କି ? କେତେ ଦୁଃଖୀ ଠିକିଏ ।
ଶିଶୁଏ ଏ ଶିକ୍ଷା ନେବନାହିଁ ଶିଖ
ଦୁଃଖ ଲାଜ ବାର୍ଜିବାନ ଯାଅ ପାଖ ।



ଠିକ ନୂଆବୋହୂ ।

ଛକଡ଼ିବାବୁ ପାରିଗାଡ଼ି ପ୍ରଗଣାର ଜଣେ ବଡ଼ ଜମିଦାର । ତାଙ୍କର ଗୋଟିଏ ଭଉଣୀ ; ତାହାର ନାମ ପଦ୍ମାବତୀ । ପଦ୍ମାବତୀ ତାହାର ଚତୁର୍ଥ ବର୍ଷରୁ ସ୍ୱାମୀ ଦତ୍ତଇ ବାବୁଙ୍କ ଘରେ ଥାଏ । ପ୍ରାୟ ୧୦ ବର୍ଷ ସମୟରେ ବାବୁଙ୍କୁ ଅଉ ଥରେ ବିବାହ କରିବାକୁ ହେଲା । ସମସ୍ତେ ଏହି ବୋହୂଟିକୁ ଠିକ ନୂଆବୋହୂ ବୋଲି ଡାକନ୍ତି । ବାସ୍ତବରେ ଠିକ ନୂଆବୋହୂ ଦେଖିବାକୁ ସାନ, ବୟସ ଅଳ୍ପ ଥିଲା । ସମସ୍ତ ତାହାର ଅଙ୍ଗରେ ଫଳକୁ କେତେବେଳେ ଫିଟିଦବ ? ପଦ୍ମ ଠିକକୁ ଭଲପାଏ ନାହିଁ । ମାତ୍ର "ଠିକ" ଅସିଲା ଦିନୁ ବାବୁଙ୍କ ଘରେ ଖୁବ ସୁଖ । "ଠିକ" ଜଣକର ସବୁ ଗୁଣ ଟିକି ଟିକିର ପରେ ଭଲ ତାହାର କାମରେ ଲାଗିଥାଏ । ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ, କାମ ପଡ଼ିଲେ ଠିକର ନିଦ ଭୋକ ନାହିଁ । ଶ୍ୱଶୁର, ଶାଶୁ ଓ ସ୍ୱାମୀଙ୍କ ସେବାରେ ସେ ଠିକିଏମାତ୍ର ହେଳା କରେ ନାହିଁ । ସେ ଜାଣି ଥିଲା ଯେ ହେଳା କରିବ

ଦେଖା ଭୁଲିବ । ପଦ୍ମ ବର୍ଣ୍ଣ ଠିକର ବୃଥା ଜନ୍ମ ଏତେବେଳେ କଷ୍ଟ ହୁଏ । ଠିକର ଗୁଣ ବୁଦ୍ଧି ; ମାତ୍ର ଭଲାବେଳେ ଗୋଷ୍ଠ କରିବାର ଯଦି ବୁଦ୍ଧିରେ ଥାଆନ୍ତା, ଠିକି ତେବେ ନ ଖାଇ ନ ଶୋଇ ଚର୍ଚ୍ଚା କରିଥାନ୍ତା । ପଦ୍ମା ସଙ୍ଗେ ଠିକର ଏପରି ଅଟେ ଯେ ଠିକର ଛୁଇ ପଡ଼ିଲେ ପଦ୍ମାକୁ ଗାଧୋଇବାକୁ ହୁଏ । ଏଠାରେ ଏକଦିନ ଆସିଲା ଯେ ଜଣଙ୍କୁ ଘରେ ଏକ ରୋଗ ହେଲା । କେହି ଔଷଧ ଦେବାକୁ ନାହିଁ । ମାତ୍ର ଠିକ ସବୁବେଳେ ତାହା ପାଖରେ ଜାଗ୍ରତ ଥାଏ । ଠିକର ଚେଷ୍ଟାରୁ ପଦ୍ମା ଭଲ ହେଲା । ତାପରେ ପଦ୍ମାର ସ୍ୱଭାବ ଏମନ୍ତ ବଦଳି ଗଲା ଯେ ସେ ଠିକକୁ ନ ଦେଖିଲେ ଭାତ ଖାଏ ନାହିଁ । ଠିକକୁ ନ ପଚାରି କିଛି କାମ କରେ ନାହିଁ । ଠିକର ପ୍ରଶଂସା ଏପରି ବଢ଼ିଲା ଯେ ତାହାର ଗୁଣଗ୍ରାମେ ସମସ୍ତେ ମୋହିତ ହେଲେ । ଠିକର ନାମ କେଉଁଆଡ଼େ ଉଡ଼ିଗଲା । ବାଳକେ ! ଗୁଣୀର ଗୁଣ ସିନା ସର୍ବସ୍ୱ ଅଟଇ ? ରୂପବାନ୍‌କୁ ପଚାରେ କିଏ ?



ସୁନାପୁଅ ।

ବଡ଼ ସକାଳରୁ ଉଠି ସେ ପାଠଶାଳାକୁ ଯାଏ
ସମସ୍ତଙ୍କ ଆଗେ ପହଞ୍ଚି ଶୁଣ ତେଣ ଜଗି ଥାଏ ।
ପୁରୁଣା ପାଠକୁ ସାରଣୀ ନୂଆ ପାଠ ନେଇ
ମନ ସ୍ଥିର କରି ଚଞ୍ଚଳ ପାଠ ଶିଖି ଦିଅଇ ।
ଗୁରୁପଦେ କରେ ନମସ୍କାର ଗୁରୁ ଆସିବା ଜାଣି ।
ବୁଝି ନିଏ ତାଙ୍କ ପାଖରୁ ନୂଆ ପାଠଟି ପୁଣି ।
ଆଉ ପିଲାଙ୍କର ସଙ୍ଗରେ ଗୋଳ ନ କରେ କେବେ
ବିନୟେ ମଧୁର କଥାରେ ଖୁସି କରାଏ ସବୁବେ ।

ପିତାମାତା ଠାରେ ସେ କେବେ ବୃଥା ଅଛି ନା ଘରେ
ସନ୍ତୁଷ୍ଟ, ଖୁସି କରଇ ତା'ର ନମ୍ର ଗୁଣରେ ।
ରାଗ ଅହଙ୍କାର ମିଥ୍ୟାକୁ ସଦା ଭୟ କରଇ
ଅନ୍ନ ଶତ୍ରୁଙ୍କର ସହାଟ୍ୟ ନିନ୍ଦା ମନ ବଳାଇ
ନିରୀହ ପ୍ରାଣୀଙ୍କ ବିପଦେ ସଦା ଯେ ଦୁଃଖୀ ହୁଏ
ଅନ୍ୟ ବିପଦ ପଡ଼ିଲେ ପରେ ସହାୟ ହୁଏ ।
ମନୁଷ୍ୟ ହୁଏ ସେ ସିନା, ତାର କାର୍ଯ୍ୟ ଗୁଣରେ
ହୁଅ ସେହିପରି ବାଳକେ ! ତୁମ୍ଭେ ସୁବ୍ୟବହାରେ ।

— ○ — —

ଧୂଳି ଖେଳ ।

ଚାଲ ଭାଇ ମିଳି ବାଡ଼କୁ ଯିବା
ଜହ୍ନିଫୁଲ ତୋଳି ଧୂଳି ଖେଳିବା ।
ଧୂଳି ଚୂଡ଼ାଭୋଗ ଘର କରିଣ
ତହିଁ ଜହ୍ନିଫୁଲ ଦେବା ଖଞ୍ଜିଣ ।
ନାନା ଫୁଲ ଗଛ ଜହ୍ନିଫୁଲର
ଦିଶୁଥିବ ତାହା କେଡ଼େ ସୁନ୍ଦର ।
ହସି ହସି ମାନୀ ନାଚିଲୁ ଲୁଚି
ଧୂଳିର ତୋଗଣ୍ଡା ଗଢ଼ଣି ଛନ୍ଦି
ଏତେ ଧୂଳି କିପାଁ ଖେଳୁଛ ଭାଇ
ଜହ୍ନିଫୁଲମାଳ ଯିବଟି ଫେଇ ।
ଜାଣନ୍ତୁ ଅଥବା ଫୁଲମାଳଟି
ଯତ୍ନେ ଗୁନ୍ଥିଛୁ କେତେ ପତ୍ରପାଟି ।
ଖେଳ ଶେଷ ଘରେ ସବୁ ମିଳିବ
ଜହ୍ନିଫୁଲମାଳ କାହୁଁ ଆସିବ ?

ଚମ୍ପା ।

ସାରଙ୍ଗବାବୁଙ୍କର ଚମ୍ପା ନାମରେ ଗୋଟିଏ ପୁଷି ଥିଲା । ବାବୁ ତାକୁ ବଡ଼ ସ୍ନେହ କରୁଥିଲେ । ଚମ୍ପା ସାଙ୍ଗରେ ଉପମା ଦେବାକୁ ସେ ଗାଁରେ ଆଉ ପୁଷି ନ ଥିଲା । ସେ ଘର ଗିରସ୍ତି । ଘରଦ୍ୱାର ସେ ଜଗେ ମୂଷା ମାରେ ତାହାର ସଙ୍ଖ୍ୟା ନାହିଁ । ଚମ୍ପା ସାରଙ୍ଗବାବୁଙ୍କ ଘରେ ଆଉ ମୂଷା ନ ଦେଖି ଗାଁକୁ ଥଗି ଯାଏ । ଯେତେବେଳେ ସାରଙ୍ଗବାବୁ ଚୌକିରେ ବସିଥାନ୍ତି ସେତେବେଳେ ଚମ୍ପା ତାଙ୍କ କୋଳରେ ବସି କେତେ ଘୁରୁ ଘୁରୁ କରେ । ଆଉ କେତେ ରକମର ଖେଳ କରେ । ସାରଙ୍ଗବାବୁ ଖାଇ ବସିଲେ ତା ଦେହ ଆଉଁସି ଦିଅନ୍ତି, କେତେ ରକମର ଗେଲ କରନ୍ତି । ଯେପରି ନ ଖାଇ ନ ପିଇ ଚମ୍ପାକୁ ସେ କେତେ ଗେଲ କରନ୍ତି ତାହା କଏ ଜାଣନ୍ତି । ସାରଙ୍ଗବାବୁଙ୍କ ସ୍ତ୍ରୀ ହରକଳା ଏଥିରେ ବଡ଼ ମନଉଣା କରନ୍ତି । କଲ ବା କଣ କରିବ ? ଇପ୍ସିତ ସ୍ନେହ ଦିନ ବଢ଼ି ଗଲା । ଦିନେ ହରକଳା ତାହାର ଛୁଆ ଝିଅଟିକୁ ବିଛଣାଟିରେ ଶୋଆଇ ପାଣି ଆଣିବାକୁ ଯାଇଥିଲେ । ଇତିମଧ୍ୟରେ ଗୋଟିଏ ଗୋଖୁରସାପ ଶିଶୁଟିର ଗୋଡ଼ ଛୁଇଁଲା । ଚମ୍ପା ମୂଷା ବୋଲି ମନେ କରି ତାହାକୁ ଧରିବାକୁ ଯାଇଁ ଚମ୍ପା ଝାମ୍ପ ମାରି ସେହି ସାପକୁ ଧରି ଖଣ୍ଡ ଖଣ୍ଡ କରି ପକାଇଲା । ହରକଳା ଆସି ଦେଖନ୍ତି ଯେ ସାପଟି ଖଣ୍ଡ ଖଣ୍ଡ ହୋଇ ପଡ଼ିଛି, ନିକଟରେ ଚମ୍ପା ମଧ୍ୟ ବସିଛି । ସେ ଏହା ଦେଖି ବୁଝି ପାରିଲେ ଚମ୍ପା ତାଙ୍କର ଜୀବନ ଝିଅଟିର ପ୍ରାଣରକ୍ଷା କରିଅଛି । ତାଙ୍କର ଆଉ ଚମ୍ପା ଉପରେ ବିରକ୍ତିଭାବ ରହିଲା ନାହିଁ । ହରକଳା ଦେଖିପାରି ସାରଙ୍ଗବାବୁଙ୍କ ଅଦ୍ୟ ପ୍ରୀତ ହେଲେ । ବାବୁ ପୁଣି ପୁଣି ହରକଳାଙ୍କ ମୁହଁ ମୁରୁକି ମୁରୁକି

ବସିଲେ । ହରବଲା ମନେ ମନେ ବୁଝିପାରି ଲଜ୍ଜା ପାଇଲେ । ସେହିଦିନୁ ସେ ଆଉ ଚମ୍ପାକୁ ଅଣଦେଖଣା କରନ୍ତି ନାହିଁ । ପଶୁ ଜାତି ଯେ ମନୁଷ୍ୟର ସ୍ନେହ ବୁଝିପାରି ଉପକାର କରେ ଏହା ସେ କେବେ ଜାଣି ନ ଥିଲେ । ଜାଣି ପୂର୍ବ କଥା ମନେ ପକାଇ ଦୁଃଖିତ ହେଲେ । ହରବଲା ସ୍ୱାମୀଙ୍କୁ କହି ଚମ୍ପା ଗଳାରେ ଗୋଟିଏ ସୁନା ପଦକ ଝୋଲାଇ ଦେଇଥିଲେ ।

—▷○✻ ✝ ✻▷○—

ସୁନା ମଣି ।

ନାନୀ ପୋଷିଥିଲେ ଘଙ୍କି ଛୁଆଟିଏ
ସୁନାମଣି ନାମ ତାର
ନାନୀ ଗଲେ ଯାଏ ବସିଥିଲେ ବସେ
ତା ଚାଲି ବଡ଼େ ସୁନ୍ଦର
ବେକ ଗୋଡ଼ପାଖେ ଘୁଙ୍ଗୁର ମାଳଟି
ଝୁଣ ଝୁଣ ବାଜୁ ଥାଏ
ନିତ ନାଚ ଆସି ନାନୀ କୋଳେ ବସି
ନୂଆ ଖେଳ ଖେଳି ଯାଏ
ନାନୀର ପଣତ ଧରି ସୁନାମଣି
ଯୋଡ଼ି ହୋଇ ଶୋଇପଡ଼େ
କେବେ ଖୁସି ହୋଇ ଯେତେବେଳେ ଶୋଇ
ଦୂର୍‌ରୁ ଧଡ଼୍‌ରୁ ଗଡ଼େ
ଦୁଧସର ଯାହା ମିଳେ ଖାଏ ତାହା
ନ ଦେଲେ ପୁଣି ନ ଖାଏ
ନାନୀଙ୍କର ଠାରେ ତ୍ରଡ ଅଖି ଭାବ
ସବୁ ବେଳେ ରହୁଥାଏ

ଦୁନାଜ ଉଦୟରେ ମୂଷା ସାପ ବଦା
ଭଦ୍ର ଥାନ୍ତି ଲୁଚି ବଳେ
ସୁନା ଶୋଇଥିଲେ କାହିଁ ଭୂଲିମୂଣ୍ଡେ
ଅଖି ତାର ଜୁଳୁ ଜୁଳିଲେ
ଦିନେ ଅସିଥିଲେ ଅନ୍ଧାର ରାତରେ
ଚୋର କଢ଼ିବାକୁ ଚୋରେ
ସୁନାମଣି ଯାଇ କାନୀଙ୍କୁ ଚେତାଇ
ଦେଇଦେଲା ଭରତରେ
ଘର ପୋଡ଼ି ଜାଣି ପୁଷି ସୁନାମଣି
କାନୀ ପାଖେ ଧାଇଁଗଲା
କାନୀ ନ ଉଠିବା! ଦେଖି ସୁନାମଣି
କଅଁଳେ ଅଖି ଫୁଟି ଦେଲା
ଶିଖହେ ବାଳକେ ପର ଉପକାର
ସୁନାମଣି କାର୍ଯ୍ୟ ଦେଖ
ନିମ୍ନଜନ୍ତୁ ପଶୁ ହୋଇ ଥାନ୍ତି ବଶ
ମନୁଷ୍ୟର କଥା ଭଣ

—o◁+▷o—

ନରେନ୍ଦ୍ର—ମା, ଏ କିଏ ?

ମା—ସେ ଅନ୍ଧ ।

ନ—ଅନ୍ଧ କଣ ?

ମା—ତାହାର ଅଖିକୁ ଦେଖାଯାଏ ନାହିଁ,

ନ—ମା, କ'ଣ ତାହାର ଅଖିରେ କାଳ ପଡ଼ିଛି ?

ମା—ନା, ବାବୁ ସେ ଜନ୍ମକାଳରୁ ଅନ୍ଧ ।

ନ—ଯେପରି ଉପମା ଅଖିରେ କାଳ ପଡ଼ିଥିବାରୁ ମତେ

କିଛି ଦେଖାଗଲା ନାହିଁ । ବଡ଼ କଷ୍ଟ ହେଉଥିଲା । ସେ କିପରି ସହ୍ୟ କରୁଅଛି ?

ମା—ସେ କଷ୍ଟ ସହି ଗଲାଣି । କଷ୍ଟ ହେଲେ ସେ ଆଉ କ'ଣ କରିବ । ସେତ ଗୁଡ଼ ନୁହେଁ ଯେ ତାକୁ ଫିଙ୍ଗି ଦେଇ ନିଶ୍ଚିନ୍ତରେ ରହିବ ।

କ—ମା, ସେ ଧୀରେ ଧୀରେ କାହିଁକି ଚାଲୁଛି ?

ମା – ତାକୁ ବାଟ ଦେଖାଯାଉନାହିଁ, ପଡ଼ିଯିବା ଭୟରେ ସେ ବାଟ କଳି କଳି ଚାଲୁଛି ।

କ—ମା ସେ ଢିପ, ଖାଲ କିପରି ଜାଣିପାରେ ?

ମା—ସେ ବାଡ଼ି ମାରି ଜାଣିପାରେ । ଅନ୍ଧର ବାଡ଼ି ଆଖିକୁ ଯେପରି ସାହାଯ୍ୟ କରେ ଅନ୍ୟ କେହି ସେତେ କରନ୍ତି ନାହିଁ ।

କ—ମା, ଦୂରକୁ ଗଲେ ସେ କିପରି ଯିବ ?

ମା—ସେ ବାଟ କଳ ୨ ପଚାରି ପଚାରି ଯିବ । ସେ ଯାହାକୁ ବାଟ ପଚାରେ ଲୋକେ ଦୟା କରି ତାହାକୁ କହି ଦିଅନ୍ତି ।

କ—ମା, ସେ କାହିଁକି ଆସି ଅଛି ?

ମା—ସେ ଭିକ୍ଷା ମାଗିବାକୁ ଆସି ଅଛି । ତାହାର କେହି ନାହିଁ ।

କ—ମା, ତାହାର ବଡ଼ କଷ୍ଟ ହେଉଥିବ । ତାହାକୁ କିଛି ପଇସା ଓ ଚାଉଳ ଦିଅ । ମା, କେହି ତାକୁ ଖାଇବାକୁ ଦେବେ କି ନା ସନ୍ଦେହ ; ତେବେ କିଛି ତାକୁ ଖାଇବାକୁ ଦିଅ । ତାକୁ ଦେଖି ମୋ ମନ ବଡ଼ ଦୁଃଖିତ ହେଉଅଛି । ତୁମ୍ଭେ ତାକୁ ଖାଇବାକୁ ନ ଦେବା ପର୍ଯ୍ୟନ୍ତ ମୁଁ ଖାଇବି ନାହିଁ । ତାକୁ ଶୀଘ୍ର ଖାଇବାକୁ ଦେଇ ବିଦାୟ କରି ଦିଅ ।

ମା—ବାବୁ, ତୋର କଥା ଅନୁସାରେ ଅନ୍ଧକୁ ବିଦାୟ କ

ହେଲ । ମୋର ଅବ ପ୍ରଭୁ ଏତେ ଦୟା ଦେଖି ମୁଁ ଖୁସି ହେଲି । ତୁ ଯଦି ଏହିପରି ଦରିଦ୍ର ଲୋକଙ୍କୁ ସାହାଯ୍ୟ କରୁଥିବୁ, ପରଦୁଃଖରେ ଦୁଃଖୀ ଓ ପରସୁଖରେ ସୁଖୀ ହେଉ ଥିବୁ, ତାହାହେଲେ ଈଶ୍ୱର ତୋର ଉପରେ ଅତ୍ୟନ୍ତ ଖୁସି ହେବେ । ଈଶ୍ୱର ଖୁସିହେଲେ ତୋର ଆଉ ବିପଦ ଘଟିବ ନାହିଁ ।

—— – ୦ – ——

ନାନାବାୟା ଗୀତ ।

ଝୁମ୍ ଝୁମ୍ ମେଘ ଘୋଟି ଆସୁଛି ଗୋ
ଚମ୍ପକା ପୋଖରୀ ହେଇ
ଝିଅ ପୁଅ ନାଚି ବୁଲୁଛି ଗୋ ପାଠ—
ଜରି ମୁଣ୍ଡେ ବାନ୍ଧି ଦେଇ ।
ଗେଣ୍ଡି ନିଅନ୍ତେ ଭଉ ଯାଆନ୍ତି ଗୋ
ଦଉଡ଼ି କୂଳକୁ ସୁଖେ
ଚମ୍ପୁକମ ଘାଟି ପେଟେ ଅଗ୍ରେ ଗୋ
ଚଷାପୁଅ ଖୁସି ମୁଖେ ।
ଆମ୍ବୁପଳ ନେଇ ଗୋରୁଦୁଆ ଚିଲ
ମୁଣ୍ଡେ ବାନ୍ଧି ଛାମୁଡ଼ାଳ,
ଠାଏ ଠାଏ ବସି କରନ୍ତି ନାଚ ଗୋ
ଗାଁ ମୁଣ୍ଡେ ଖୋଷା ଚଳ ।
ବାପା ଯାଇଛନ୍ତି ଦୂର ହାଟକୁ ଗୋ
ଆଣିବା ପାଇଁ ମିଠାଇ;
ଘୋର ଅନ୍ଧାରର ମାଡ଼ ଆସୁଛି ଗୋ
ମୋ ବାପା ରୁଷିବେ ନାହିଁ ?

ତାମା ଏହୁକ୍ଷଣି ସଞ୍ଜ ପଣିବେ ଗୋ
ତୁଳସୀ ମୂଳେ ଦେବାକୁ;
ଚନ୍ଦ୍ରଧର ଶଙ୍ଖ ବଜାଇ ଭକ୍ତିରେ
ଜୁହାର ହେବେ ଦେବାଙ୍କୁ ।
ତୋଠା ଅମ୍ବମୂଳେ ଶିଆଳ ଘର ଗୋ
ମୋତେ ବଡ଼ ମାଡ଼େ ଡର;
ମା ଡାକିଲେଣି ଘରକୁ ଚାଲ ଗୋ
ଆଜଦିନ ଖେଳ ସାର ।

— — *○* — —

ଚଷା ।

ଦେଖ ହେ ବାଳକ! ଏହୁ ଚଷାକୁ
ଚାଷ କରିବାକୁ ଯାଏ ବିଲକୁ ।
ତାର ମେହେନତ କହୁଁ ନ ସରେ
ଖରା ବରଷାରେ ସେ ଖଟି ମରେ ।
କଣ ସେ କହିବ କାହାର ଗୁଣେ
ଅଳସ ପଣକୁ ନ ଭାବେ ମନେ ।
ଲୋକ ଉପକାର ସେ ଜାଣ କରେ
ତାପରି ବନ୍ଧୁ କି ? ଅଛି ସଂସାରେ ।
ତା ଯୋଗୁଁ ପ୍ରଜା ବନ୍ଧୁ ବାନ୍ଧବ
ପିତା ମାତା ଭାଇ ପୁଣି କୁଟୁମ୍ବ ।
ପରସ୍ପର ସ୍ନେହେ ସମସ୍ତେ ବନ୍ଧା
ରହିଥାନ୍ତି ପୁଣି ନ ଥାଏ ଧନ୍ଦା ।
ରାଜା, ଯତି, ବାବୁ ପୁଣି ଉଦାସୀ
ଚଷାର ଉପରେ ବଳ ସବୁରି ।

ସୁନା, ରୂପା, ହୀରା ଯାହା ସବୁଛି
ଚଷାର ପାଖରେ ଅବୁଠି ରୁଣ୍ଡ ।
ନୃପ, ଯେ ନାହି ଚଷା କରଇ,
ଅଜ୍ଞ ବେଉପାରେ ସେ କାହୁ କହୁଁ ?
ଦେଖ ଉନ୍ନତରେ ଚଷା ପ୍ରଧାନ
ଶୁଣ ବାଳକେ ଶିଖ ଏକାମ ।

--—○×○—--

ସୁରେନ୍ଦ୍ରର ବୟସ ୧୬ ବର୍ଷ । ସେ କଟକରେ ପଢ଼େ । ତାହାର ପଢ଼ାରେ ବଡ଼ ମନ । ସେ ବୃଥାରେ ସମୟ ନଷ୍ଟ କରେ ନାହିଁ । ସମୟ ନଷ୍ଟକୁ ସେ ପାପ ବୋଲି ମନେ କରେ । ସେ ଗ୍ରୀଷ୍ମ ଓ ପୂଜା ଛୁଟିରେ ଘରକୁ ଆସେ । ସେ ବାପ, ମା, ଭାଇ, ବନ୍ଧୁ ଓ ଗାଁ ଲୋକଙ୍କର ଆଦରର ଧନ । ସେ ଆସିଲେ ଗାଁ ପିଲାଏ ରୁଣ୍ଡ ହୋଇ ତାକୁ ଅଧବାଟରୁ ପାଛୋଟି ଆଣନ୍ତି । କେତେ ହସି ଖୁସି ହୁଅନ୍ତି । କେତେ ନୂଆ ନୂଆ କଥା ତାକୁ ପଚାରନ୍ତି । ତାକୁ ଯାହା ପଚାରନ୍ତି ସେ ତାହା କହେ । କାରଣ ସେ ଅନ୍ୟ କାଳିଆ ଧରଣର ପିଲା ନୁହେ । ଆଉ ସେ ସବୁ ଗାଁ ପିଲା ତାକୁ ଦେଖି ଲଜ୍ଜା କରନ୍ତି । କାରଣ ସୁରେନ୍ଦ୍ର ସେମାନଙ୍କ ପିଲା ହୋଇ ସେମାନଙ୍କଠାରୁ [illegible] । ଗାଁ ପିଲା ଆଉ ସୁରେନ୍ଦ୍ର ପଢ଼ାରେ ଠେକି ପାରିଲେ ନାହିଁ । ଘରେ ମଧ୍ୟ ସୁରେନ୍ଦ୍ରକୁ ସମୟ ନ ଥାଏ । ସେ ସବୁବେଳେ ତାହାର ପଢ଼ାରେ ମାତିଥାଏ । ବାପ ତାହାର ମନ ଜାଣି ଦରକାରୀ ଜିନିଷ ଯୋଗାନ୍ତି । ସେ ଅଳ୍ପଦିନ ପରେ ବି, ଏ ପାଶ କରି ହାକିମ ହେବ । ସେ ହାକିମ ହେଲେହେଁ ତାହାର ବଡ଼ଲୋକ ଭାବ ନ ଥାଏ । ସେ ପୂର୍ବପରି ଗାଁ ପିଲା ସାଙ୍ଗରେ

ଖେଳେ । ମାତ୍ର ଗାଁର ବୁଢ଼ାବା ପିଲା ତାଙ୍କର ଏପରି ଆଚରଣ ଦେଖି ଲଜ୍ଜାରେ ଭରସି ମୁହଁ ଟେକି କଥା କହନ୍ତି ନାହିଁ ; କେବଳ ଦୁଃଖ କରନ୍ତି । ଦୁଃଖ କରି ବା କ'ଣ କରିବେ । ବେଳ ଗଡ଼ିଦେଲେ ଆଉ କି ପାଠ ହେବ ? ଏପରି ଶିକ୍ଷା ଆଗରୁ ଅସିଥିଲେ ଗାଁ ପିଲାମାନେ ମଧ୍ୟ ସୁରେନ୍ଦ୍ରପରି ଜଣେ ଜଣେ ଦାରୋଗା ହୋଇଥାନ୍ତେ । ଯାହା ବାଲ୍ୟକାଳେ ହୋଇ ନାହିଁ ତାହା ବାର୍ଦ୍ଧ କାଳେ ହେବ ନାହିଁ । ସୁରେନ୍ଦ୍ରର ଉତ୍ତମ ଦାରୋଗା ପଣିଆ ଦେଖି ସରକାର ବାହାଦୁର ତାହାର ବେତନ ବଢ଼ାଇ ଦେଲେ । ଅଳ୍ପଦିନ ମଧ୍ୟରେ ସୁରେନ୍ଦ୍ର ମଧ୍ୟ ଜଣେ ଗାଁର ନାମଯାଦା ଲୋକ ହୋଇ ପଡ଼ିଲେ । ତାଙ୍କ ଦୃଷ୍ଟରୁ କେତେ ଦରିଦ୍ର ପିଲା ପଢ଼ି ଉପଯୁକ୍ତ ହେଲେ । ବାଲକେ ଏପରି ଉନ୍ନତି କରିବାକୁ ଚେଷ୍ଟା କରିବ ନାହିଁ କି ?



ସଞ୍ଜ ଖେଳ ।

ଆସ ଆସ ଭାଇ ଦାଣ୍ଡକୁ ଯିବା
ଧୂଳି ଘୂରି ମାଳି ଧୂଳି ଖେଳିବା
ହାତ ଚୂନ ଚିଣ ଦୂର ଫେଳିଲେ
ମୁଣ୍ଡ ଘୂରିଯାଏ ଲୁଣ୍ଠେ ଭୂଇଁରେ
ଆଉ ଥରେ ଆସ ଖେଳ କରିବା
ନଞ୍ଜ ପାଣି ଭଣ୍ଡି ମଜା ମାରିବା
ତୋହାର ମୋହାର ତାହାର ଧରି
ଛୁହାରେ ଖେଳିବା ସଉକ କରି
ଖେଳି ଖେଳି ମୁହଁ ଥକି ପଡ଼ିଲି
ଭୁଲି ଦେହକୁ ମୁଁ ରହି ନ ଥିଲି

ଏଣୁ ଗୋଟା ଡିଅଁ ମୁଁ ମାରି ଜାଣେ
କେତେ ଦଳି ମୂଳ ମୁଁ ବୁଲେ ଯାଉଣ ।
ଖେଳୁଅଛୁ ମୁହିଁ ଚକ୍କା ଲହରି
ଖାଉଅଛୁ ମାମୁଁ ଘର ଚକୁଳି ।
ଏବେ ସବୁ ଛାଏ ଖେଳ କରିବ
କିଏସେ ମୋପରି ଡିଅଁ ମାରିବ ।
ନୁହିଁ ବାପାଙ୍କର ହେବ ସଙ୍ଗାଳି
ମାତା ଡାକିଲେଣି ଯାଉଛୁ ଚାଲି ।
ଆଜହିଁକ ଖେଳ ଏତକ ହେଉ
ଅଲ୍ପ ନୂଆ ଖେଳ ବାକିଟି ଥାଉ ।

ଫାଦୁ

ମିଠା ପାଚିଲ ପଣସ କଦଳୀ
ଆମ୍ବ ନଡ଼ିଆ ପପୟା ପିଚୁଳି
ଶସା ପାଣିକୁ ଖଗଲୁ ତେନ୍ତୁଳି
ଗୁଣି କମଳା ଲେମ୍ବୁ ଜାମ୍ବୁକୋଳି
ଡାମ୍ବ ଅଳୁ ପିଚୁ ବକ୍ଳେ ଗୁଞ୍ଜିଛ
ନଡ଼ିଆ ଜଳସ ଠାରୁ ବଳିଛି
ଅଁଳା ପ୍ରଥମ ଭକ୍ଷାର ମଧରେ
ଧରଣ ସ୍ୱାଦ ବାଲକେ ଥକ୍କେ ।

(ଛଏ ପଦ)

ଅଖି କହେ ବଡ଼ ମୁହିଁ
ମନୁଷ୍ୟଙ୍କୁ ଦାମେ ଚକ୍ଷାନ ଭୂଅଳୁ

ଯାହା ମୁଁ ଭଲ ଦେଖଇ ।
ମୁହିଁ ନ ଥିଲେଟି ଅନ୍ଧ
ଭଲ ମନ୍ଦ ଶୋଭା: ଜାଣି ନ ପାରନ୍ତା
ମନେ ଥାନ୍ତା କି ଆନନ୍ଦ ?
ବଧୂ ବୋଲି ଯାକୁ କହେ
ଛାର ଗୀତ ବାଜା କିପରି ଶୁଣନ୍ତା
ମୁହିଁ ନ ଥିଲେ ଟି ଦେହେ
ମୋହର ବଡ଼ ଶବ୍ଦ
ମନୁଷ୍ୟଙ୍କ ମୁହିଁ ଦପର୍ଦ୍ଦ ଜଣଇ
ମୋ ଯୋଗୁଁ ଫୁଲଏ ଛଟା ।
ନାକ ବହେ ମୁଁ ଖବର
ମୋବିନା ଟିକିଏ ତେ ବନ୍ଧୁ ପାଇଲ-
ନ ନେଲେ ମୁହିଁ ପବନ
ମାଲତୀ ମାଧବୀ ଯୂଥି
ଫୁଲମାନଙ୍କର ସୁଗନ୍ଧକୁ ମୁହିଁ
ମନକୁ ଦିଏ ବୁଲାଇ ।
ମୁହିଁ ଟି ମୁଖେ ନ ଥିଲେ
ଏଣୁ ଜାଣି ଲୋକ ବୋବା ହୋଇଣ
କଥା ନ କହନ୍ତା ଗଲେ ।
ରସନା ମୋହର ନାମ
ଖଟା ମିଠା ତିକ୍ତା କଷା ଜାଣିବାରେ
ମୁଁ ଅଟେ ସର୍ବ ପ୍ରଥମ ।
ମୁଁ ଦେହ ମଧ୍ୟରେ ଥାଇ
ହାଡ଼ ରକ୍ତ ମାଂସ ମର୍ଦ୍ଦି ଅବୋଧରୁ

ମୋ ବିନା ତା ନାହିଁ ଖାଉ ।
ମୁଁ ପାଏ ବେଗି ସ୍ନେହ
ଶୀତଳ ଗରମ ମୁହିଁ ଅନୁଭବେ
ସୁନ୍ଦର ମୋ ଯୋଗୁଁ ଦେହ ।

—— :o+o: ——

ବାଘ କଥା ।

କୋଙ୍କର ଶ୍ରାଦ୍ଧ ହେବରୁ ଅନେକ ବ୍ରାହ୍ମଣ ଦହି ଚୂଡ଼ା ଖାଇବାକୁ ଯାଉଥିଲେ । ଜଣେ ବୁଢ଼ା ବ୍ରାହ୍ମଣ ଚିପେଇ ଚିପେଇ ବାଘର ପିଞ୍ଜରା ଦେଇ ଯାଉଥିବା ସମୟରେ ବାଘ ଅନେକ ବିନୟଭାବ ଦେଖାଇ ବ୍ରାହ୍ମଣକୁ ଡାକିଲା । କହିଲା "ଠାକୁର ! ତୁମ୍ଭେ ସତ୍ୟବାନ୍, ଦୟାବାନ୍, ଓ ଧାର୍ମିକ ଅଛ । ମୁଁ ଏଠାରେ ଅନେକ କଷ୍ଟ ପାଉଅଛି । ଯଦି ମୋତେ ତୁମ୍ଭେ ଏ ବିପଦରୁ ଉଦ୍ଧାର କର ତେବେ ତୁମ୍ଭର ଅନେକ ପୁଣ୍ୟ ହେବ" । ବ୍ରାହ୍ମଣ କହିଲା ତୋତେ କିପରି ବିଶ୍ୱାସ କରାଯାଇପାରେ ? ଏହିଁ ବାଘ [illegible] । "ଛିଃ ଭୟ କାହିଁ ଗୋସାଇଁ ? ଧର୍ମ ଦେଖିବ [illegible] ବ୍ରାହ୍ମଣ ବାଘ କଥାରେ ଭୁଲିଯାଇ କବାଟ ଫିଟାଇ ଦେଲା [illegible] ପିଞ୍ଜରାରୁ ବାହାରି କହିଲା ମୁଁ ଅନେକ ଦିନୁଁ [illegible] । ଭୋକରେ ପେଟ ଜଳୁଛି । କଣ [illegible] କହ ।

ବ୍ରାହ୍ମଣ — ଏବେ ତୁମ୍ଭେ ତୁମ୍ଭର ଉପାୟ ଖୋଜ ।
ବାଘ — ପଶୁବଧ କରିବାର ବଳ ମୋ ଦେହରେ ଆଉ ନାହିଁ ।
ଦେଖ ଠାକୁର ! ତୁମ୍ଭେ ମୋର ବଡ଼ ଉପକାର କଲ, ତୁମ୍ଭେ ବୁଢ଼ା ଏଣୁ ଅକର୍ମଣ୍ୟ ହୋଇଅଛ । ତୁମ୍ଭର ଭବିଷ୍ୟତ ଉନ୍ନତି ଆଉ ନାହିଁ । ତୁମ୍ଭକୁ ଖାଇଲେ କ୍ଷତି କଣ ?

ବ୍ରାହ୍ମଣ—ରେ ଦୁଷ୍ଟ ! ମୁଁ ଯେ ତୋର ଏତେ ଉପକାର କଲି;
ତାହାର କି ଏହି ଫଳ ।

ବାଘ—ଠାକୁର ! ମୂର୍ଖପରି କଥା କହୁଛ କାହିଁକି ? ନ୍ୟାୟ କର ; ନ୍ୟାୟରେ ଯଦି ମୋର ନ ଖାଟେ ତେବେ ତୁମ୍ଭେ ଖଲାସ ହେବ ।

(ବ୍ରାହ୍ମଣ ଅମ୍ବଗଛ, ବୃନ୍ଦାବନନ୍ଦ ଓ ଶିଆଳକୁ ନ୍ୟାୟପଞ୍ଚ ମାନିଲେ ।)

ବ୍ରାହ୍ମଣ—ହେ ଅମ୍ବଗଛ ! ମୋର ବିପଦରେ ତୁମ୍ଭେ ନ୍ୟାୟ ବିଚାର କରିବ । ବିଷୟଟି ଏହି । ଏଥିରେ ଦୋଷୀ କିଏ ?

ଅମ୍ବଗଛ ଆଗେ ମୋ କଥା ଟିକିଏ ଶୁଣ । ମୁଁ ପିଲାଠି ବେଳୁ ଛାୟା ଓ ଫଳ ଦାନ ଦ୍ୱାରା ଲୋକଙ୍କର ବା କି ଉପ-କାର କଲି ନାହିଁ ? ତାହାର ତ ଏହିଫଳ ଯେ ମୋତେ ଶେଷରେ ଖାଣ୍ଡାଖିଆ ହେବାକୁ ହେଲା ।

ବାଘ—ଦେଖିଲ ଠାକୁର ! ଅଉ କାହିଁକି [illegible] ଲୋଡ଼ୁଛ ?

ବ୍ରାହ୍ମଣ— ହେଉ [illegible] ନ୍ୟାୟ ଶେଷ ହେଉ [illegible] । ଅଳ୍ପ ଚିନ୍ତା କ'ଣ ?

ବ୍ରାହ୍ମଣ—ଅହେ ବୃଦ୍ଧାବଳଦ ! ତୁମ୍ଭେ ବଡ଼ [illegible]; [illegible] ନ୍ୟାୟ କରିଥିବ । ଏ ବିଷୟରେ କ ମ [illegible] ଦେ [illegible]

ନନ୍ଦ—ମୋ କଥା ଆଗେ ଟିକିଏ ଶୁଣ । "ମୁଁ ଯୌବନ ଅବ-ସ୍ଥାରେ ମନୁଷ୍ୟର ଅବା କି ଉପକାର କରି ନାହିଁ । ସେ କଥା ନ ଭାବି ବୁଢ଼ା ବୟସରେ ମୋତେ ଘରୁ ବାହାର କରି ଦେଲେ" ।

ବାଘ— ଠାକୁର ! ବୁଝିଲ ତ ?

ବ୍ରାହ୍ମଣ---ଶିଆଳ ଅଛୁ । ଦେଖାଯାଉ ସେ କ'ଣ କହୁଛୁ ।

ବ୍ରାହ୍ମଣ—ହେ ଭାଇ ଉପକାରୀ ବନ୍ଧୁ ! ତୁମ୍ଭେ ମୋର ଏହି ବିଷୟରେ ନ୍ୟାୟ କର ଯେ ମୁଁ ଏହି ଦୁଷ୍ଟ ବାଘକୁ ପିଞ୍ଜରାରୁ ମୁକୁଳାଇଲି । ଏ ସେଠାରେ ବଡ଼ କଷ୍ଟ ପାଉଥିଲା । ମୋର ଏଥିରେ କି ଏଡ଼େ ଦୋଷ ହେଲା ଯେ ଏ ମୋତେ ଖାଇ କ୍ଷୁଧା ତୃପ୍ତି କରିବ ।

ଶିଆଳ—ମୁଁ ବୁଝିପାରୁନାହିଁ । ତୁମ୍ଭେ କ'ଣ ପିଞ୍ଜରା ଭିତରେ ଥିଲ ? ବାଘ ତୁମ୍ଭକୁ ତହିଁରୁ ମୁକୁଳାଇଲା ।

ବ୍ରାହ୍ମଣ—ନା, ବାଘ ପିଞ୍ଜରା ଭିତରେ ଥିଲା । ମୁଁ ତାକୁ ମୁକୁଳାଇଲି ।

ଶିଆଳ—ଏମନ୍ତ କଥା ପରା ! ମୁଁ ବୁଝି ପାରୁ ନ ଥିଲି । ଏବେ ବୁଝିଲି । ପିଞ୍ଜରା ବ୍ରାହ୍ମଣ ଭିତରେ ଥିଲା ; ବାଘ ତାକୁ ମୁକୁଳାଇଲା ।

ବ୍ରାହ୍ମଣ—ନା, ବାଘ ପିଞ୍ଜରା ଭିତରେ ଥିଲା, ମୁଁ ତାକୁ ମୁକୁଳାଇଲି ।

ଶିଆଳ—[illegible] ଅଦ୍ଭୁତ କଥା ! ସେ ସ୍ଥାନକୁ ନ ଗଲେ ମୁଁ [illegible] ବୁଝି ପାରିବି ନାହିଁ ।

(ସମସ୍ତେ ଗଲେ)

ଶିଆଳ—କ'ଣ କହିଲ ଠାକୁର । ଆଉ ଥରେ କୁହ ?

ବ୍ରାହ୍ମଣ—ବାଘ ପିଞ୍ଜରା ଭିତରେ ଥିଲା ; ମୁଁ ତାକୁ ମୁକୁଳାଇଲି ।

ଶିଆଳ—ସେହି କଥା ବୁଝାଇ କହୁ ନାହଁ । ତୁମ୍ଭେ ବାଘ ଭିତରେ ଥିଲ, ପିଞ୍ଜରା ତୁମ୍ଭକୁ ମୁକୁଳାଇଲା ।

ବାଘ—ସବୁ ଉଚିତ କହିଲା ରେ ଦୁଷ୍ଟ ନିର୍ବୋଧ ! ମୁଁ ଏହିପରି

ପିଞ୍ଜରା ଭିତରେ ଥିଲି ଦେଖି, ବ୍ରାହ୍ମଣ ମୋତେ ମୁକୁଲାଇଲେ ।

ଶିଆଳ—ଅତ ଭରଢରେ ଯାଇ ପିଞ୍ଜରା ଭିତରେ ବନ୍ଦ କରି କହିଲା "ମାମୁଁ ମରିବା ପର୍ଯ୍ୟନ୍ତ ଏହି ପିଞ୍ଜରାରେ ଥାଅ । ମନରେ କଷ୍ଟ କର ନାହିଁ । ମୋ ଉପରେ ବିରକ୍ତ ହେବ ନାହିଁ । ଠାକୁର ! ଆସ, ଦହିଚୂଡ଼ା ବାସି ହୋଇଯିବ । ମୋ ପ୍ରତି ଗଙ୍ଗାଏ ବେଗ ଅନୁଗ୍ରହ କରିବ । ତୁମ୍ଭେ କେବେହେଁ ଦୁଷ୍ଟଲୋକକୁ ଆଶ୍ରୟ ଦେବ ନାହିଁ ।"

—:❋○❋:—

ସୁନା ଓ ଲୁହାର କଳି ।

ସୁ — ମୁଁ ଅଟେ ସଂସାରେ ସାର
ମୋର ରଙ୍ଗକୁ ମୂଲ୍ୟ ଯାହାହେବ
ତୁଛ ଯୋଗ୍ୟ ତାହାର ?

ଲୁ — ମୋ ଠାରୁ କେ ବଡ଼ ଅଛି ?
ମୁଁ ରଖିଛି ଦିନା ମନୁଷ୍ୟ, ସର୍ବ
ମୋତେ ଭୟ କରୁଛନ୍ତି ।

ସୁ — ମୋ ପ୍ରତି ଆଦର କେତେ
କେ·ତ ଡାଲିପରେ ଲକ୍ଷ୍ମୀ ଗୁପତେ
ଖବନ କଦେଇ ମୋତେ ।

ଲୁ — ମୁଁ ମିଳା ଚୋର ଗଣ୍ଡକ
ମୋର ମୋହଲକର ମୁଖରେ କଥନ୍ତା
ବନ୍ଧ ତ୍ରୁ ଦିକ୍ ଯିବ ଦେଖ ।

ସୁ — କରୁଭ କେତେ ବଢ଼ାଇ

ସ୍ୱଜ ଦରବାରେ ଅଗ ପୂଜା ମୋର
ରଜ ଗଲେଥାଏ ଶୋଭ ।
ଲ — ବଢ଼ପଣ ରଖ ଗୁହ
ଧନୀ ଦୁଃଖୀଙ୍କ ଜୀବନ କେ ରଖେ
ଭୂଇଁରେ ଶସ୍ୟ ଜନ୍ମାଇଁ ?
ସୂ — ଜଳଦରେ ଜସ ଲାଭ
ଦିନାବେଳେ ସିନା ଉଦ୍ଧା ଚଢ଼ି ହେବା
ଜଣାଯିବ ବଡ଼ ଭାବ ।
ଲୂ — ବଡ଼ଭାବ ଅଛୁ ଜଣା
ମାଟିତଳୁ ତୋତେ କେ କାଢ଼ି ଆଣିଛୁ
ଭଲ ନୁହେଁ କି ଅଜଣା ?
କାର୍ଯ୍ୟଗୁଣେ ମୁହିଁ ବଡ଼
ମୋବଳା ସ୍ପର୍ଶରେ ଲୋକେ କ ଚଳି
ମୋନାମନ୍ତ୍ର ଦେଇ ଗଢ଼ ।

———o*o———

ଫୁଲର ରଙ୍ଗ ।

[illegible] ମନ୍ଦାର ଫୁଲ ଲାଲରଙ୍ଗ ଦିଶେ
କୃଷ୍ଣଚୂଡ଼ା ଶିମୁଳିର ରଙ୍ଗ ସଙ୍ଗେ ମିଶେ
ଅପରାଜିତା ଫୁଲର ରଙ୍ଗ ଦିଶେ ନୀଳ
ନୀଳବର୍ଣ୍ଣ ଅକାଶର ରଙ୍ଗ ସମତୁଲ ।
ହଳଦୀ ରଙ୍ଗ ଦିଶଇ କେତକୀ ସୋଗେଷ
ଚମ୍ପକର ଚମ୍ପା ସଣ ମନକରେ ତୋଷ ।
ରଙ୍ଗଣ ମାଧବୀ ମଲ୍ଲି ମାଳତୀ ଟଗର
[illegible] ଫୁଲ ଶୋଭା ଦିଶେ ଧବଳ ରଙ୍ଗର

ଧନ୍ୟବିଧି ! ତୋ ମହିମା କେବୁଝି ପାରିବ
ଜଗତର ହିତ ପାଇଁ ସୃଜିଅଛୁ ସର୍ବ ।

—◁-※-○-※-▷—

ପ୍ରାର୍ଥନା ।

ପ୍ରଭୁହେ ଦୟାମୟ ହରି
ଶିଶୁର ସେନ ଏ ଗୁହାରି ।
ମୋ ପ୍ରତି ଅନୁଗ୍ରହ କରି
ମୋମନ ରହୁ ପଦେ ତୋର ।
ବିଦ୍ୟା ପଠନେ ମନ ରହୁ
ପର ସାହାଯ୍ୟ ବୃତ୍ତି ହେଉ ।
ତୋର କଲ୍ୟାଣ ହୃଦେ ଧରି
ମଙ୍ଗଳ କାମ ସର୍ବେ କରୁ ।
ପିତା ମାତାଦି ଗୁରୁଜନେ
ସେବାରେ ଅନୁ ମୋମନ
ଭାଇ ଭଉଣୀ ପ୍ରତି ସ୍ନେହ
ଅଭ୍ୟାସ ହେଉ ଦୟାମୟ
ହିଂସା ଭାବ ମନୁ ଯାଉ
କପଟ ଚାତୁରୀ ନ ରହୁ ।
ପ୍ରାର୍ଥନା ମଧୁଁ ଶିଶୁଗଣ
ପ୍ରଭୁଙ୍କ ପଦେ ପୁନଃ ପୁନ ।

—◁-※-○-※-▷—